# ମତେ ଟିକେ ବଞ୍ଚାଇ ଦିଅ

ବରଗଡ଼, ୫।୪(ସମିସ)



ପ୍ରଫୁଲ୍ଲ ବାରିକ ବୟସ ୩୦ରୁ ଊର୍ଦ୍ଧ୍ୱ ହେବ। ପିଲାଟି ଦିନରୁ ପୋଲିଓ ଆକ୍ରାନ୍ତ ହୋଇ ଥିଲେ ହେଲେ ସେ ଚଲାବୁଲା ସବୁ କରୁଥିଲେ କିନ୍ତୁ ଦଇବ ସାଜିଲା ଦାଉ। ହଠାତ ଗୋଡ ଦୁଇଟି ଫୁଲିବା ଆରମ୍ଭ ହେଲା ଓ ତା ମଧ୍ୟରେ ଏକ ଘା ହୋଇ ପଚି ସଡ଼ି ଗୋଡ ନଷ୍ଟ ହେବାକୁ ବସିଲାଣି।ପ୍ରଫୁଲ୍ଲଙ୍କ କଷ୍ଟ କହିଲେ ନସରେ ସରକାରଙ୍କ ପାଖରୁ ମିଳିଥିବା ତିନି ଚକିଆ ଟ୍ରାଇ ସାଇକଲରେ ଜୀବନ ବିତାଉଛନ୍ତି।ଝାଡା, ପରିସ୍ରା ଠାରୁ ଧରିରାତ୍ରି ସାରା ଶୋଇବା ହେଉ ସବୁକିଛି ସେଇ ତିନି ଚକିଆ ସାଇକଲରେ କରୁଛନ୍ତି। ପ୍ରଫୁଲ୍ଲଙ୍କୁ ଚିକିତ୍ସାଳୟ ନେଇ ଚିକିତ୍ସା କରାଇବାରେ ଅର୍ଥ ସାଜିଛି ବାଧକ, ବାପା ସ୍ୱଳ୍ପରୋଜଗାରିଆ ହୋଇଥିବା ବେଳେ ଘରେ ୯୦ ବର୍ଷୀୟା ଶଯ୍ୟାଶାୟୀ ଆଇ, ସାଙ୍ଗକୁ ଭିନ୍ନକ୍ଷମ ଭଉଣୀ ସମସ୍ତଙ୍କର ଲାଳନପାଳନ ଦାୟିତ୍ୱ ତାଙ୍କରି ମୁଣ୍ଡରେ, ଯେଉଁଦିନ କିଛି ରୋଜଗାର ହୁଏ ସେଦିନ ଖାଇବା ପାଇଁ ପଖାଳ ଟିକେ ମିଳେ ନହେଲେ ପରିବାର ସଦସ୍ୟଙ୍କୁ ଉପାସରେ ଶୋଇବାକୁ ହୁଏ। ଏଭଳି ପରିସ୍ଥିତିରେ ପ୍ରଫୁଲ୍ଲଙ୍କୁ ବଡମେଡିକାଲ ନେଇ ଚିକିତ୍ସା କରାଇବା ପରିବାର ପକ୍ଷେ ସ୍ୱପ୍ନ। ଶେଷରେ କଷ୍ଟ ସହିନପାରି ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ପ୍ରଫୁଲ୍ଲ ସରକାରଙ୍କୁ ନିବେଦନ କରିଛନ୍ତି। ମତେ ଟିକେ ବଞ୍ଚାଇ ଦିଅ ବୋଲି ଅନୁରୋଧ କରିଛନ୍ତି।ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ସେ ଆବେଦନ କରି ସେ ସ୍ଥିତି ବି ନାହିଁ ପ୍ରଫୁଲ୍ଲଙ୍କ ଆଉ ସେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତାଙ୍କ ଦୁଃଖ କଷ୍ଟ ଦେଖି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

**ଆକୁଳ ନିବେଦନ କରିଛନ୍ତି ପ୍ରଫୁଲ୍ଲ**

**ଟ୍ରାଇ ସାଇକଲରେ କଟୁଛି ଦିନରାତି**

# ବରଗଡ଼ରେ ପରିମଳ ବ୍ୟବସ୍ଥା ସୁଧାରିବାକୁ ଦାବି



**ବରଗଡ଼, ୫। ୪(ସମିସ):** ବରଗଡ଼ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ବେଳେ ଏହାକୁ ନେଇ ବରଗଡ଼ ସଚେତନ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ କିଛି ମାସ ହେଲା ବରଗଡ଼ ସହରରେ ସଫେଇ ହେଉ ନାହିଁ। ଯେଉଁ ଆଡେ ଦେଖିବ କୁଡ଼କୁଡ଼ ମଇଳା ଆବର୍ଜନା ପଡ଼ିରହିଛି ଛକ, ରାସ୍ତା, ବଜାର ପ୍ରତ୍ୟେକ ଗଳି କନ୍ଧିରେ ଆବର୍ଜନା ଗଦା ପଡ଼ିରହିଛି ଯଦ୍ୱାରା କି ମଶା, ମାଛି ହୋଇ ସହରରେ ଗୋଟିଏ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି ହେଉଛି ବୋଲି ବରଗଡ଼ବାସୀଙ୍କ ତରଫରୁ ଭବାନୀ ସାହୁ ଅଭିଯୋଗ କରିଛନ୍ତି। ବରଗଡ଼ ପୌର ପରିଷଦର ପରିମଳ ବ୍ୟବସ୍ଥାକୁ ସଜାଡିବା ସହ ଏକ ବଞ୍ଚିବା ପାଇଁ ଅନୁକୂଳ ପରିବେଶ ଦିଆଯାଉ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ନଗରପାଳ ଭରତ ମହାନ୍ତି, ମକରଧ୍ୱଜ ମେହେର, ମୁକୁନ୍ଦ ତାଣ୍ଡି, ବସୁଦେବ ଦାଶ, ଗଙ୍ଗା ପୂଝାରୀ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ପୁରୋହିତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶେଷ ଲୋକ ପର୍ଯ୍ୟନ୍ତ ବିଶ୍ୱାସ ପହଞ୍ଚୁ

**ପଦ୍ମପୁର, ୫।୪ (ସମିସ):**ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଜନ ବିଶ୍ୱାସସଂଶୋଧନବିଧେୟକ୨୦୨୬ ଉପରେଆଲୋଚନାସମୟରେ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ କେବଳ ଆଇନ ସଂଶୋଧନ କରିଦେଲେ ବିଶ୍ୱାସ ତିଆରି ହୁଏନାହିଁ ଏଥି ପାଇଁ ନ୍ୟାୟ ଓ ଜବାବଦେହିତା ଆବଶ୍ୟକ।ଓଡ଼ିଶାରାଜ୍ୟର ଉଦାହରଣ ଦେଇ ସେ କହିଥିଲେ ଯେ ଗରିବ, ମହିଳା, ଆଦିବାସୀ, କୃଷକ, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକ ଏପର୍ଯ୍ୟନ୍ତ ଉତ୍ପୀଡନର ସମ୍ମୁଖୀନ ହେଉଛନ୍ତି। ଆଦିବାସୀମାନଙ୍କ ପାଇଁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ବିକ୍ରୟ ଜୀବନ ଜୀବିକାର ଆଧାର, କିନ୍ତୁ ସେମାନଙ୍କ ଛୋଟ ଭୁଲରେ ମଧ୍ୟ ଦଣ୍ଡିତ ହେଉଛନ୍ତି। ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତୀ ଆଇନ ସହ ସମନ୍ୱୟ ନାହିଁ ଓ ସୁରକ୍ଷା ବ୍ୟବସ୍ଥା ଅଭାବରହିଛି।ଜନ ବିଶ୍ୱାସ କେବଳ ନାରା ହୋଇରହିଯିବ ଯଦି ତୃଣମୂଳସ୍ତରରେ ଲୋକଙ୍କୁ ନ୍ୟାୟ ମିଳିବ ନାହିଁ ବୋଲି ଶ୍ରୀ ବିଶି କହିଛନ୍ତି।

# ଭାଲୁଟାଲ ଗାଁରେ ଶନିଦେବ ମନ୍ଦିର ପ୍ରତିଷ୍ଠା



**ଅମ୍ବାଭୋନା, ୫।୪(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଭାଲୁଟାଲ ଗାଁରେ ମହାରାଜ ଶନିଦେବଙ୍କ ନୂତନମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଶେଷ ହୋଇଛି।ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ଶ୍ରୀ ରଥ ଯୋଗ ଦେଇଥିବା ବେଳେ ପୁସ୍ତକଚାର୍ଯ୍ୟ ପଣ୍ଡିତ ପ୍ରଫୁଲ୍ଲ ଶତପଥୀ ଓ ସହଯୋଗୀ ପଣ୍ଡିତ ପ୍ରକାଶରଥ ଓ ଦେବେଶ ପଣ୍ଡା ବେଦିକ ମନ୍ତ୍ରୋଚ୍ଚାରଣ ମାଧ୍ୟମରେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସୁରେଶ ନାୟକ ସପତ୍ନୀକ ଚମ୍ପେଲି ନାୟକ ଓ ବିଜୟ ଠେଠୁଆର ସପତ୍ନୀକ ଶ୍ୟାମୀ ଠେଠୁଆର ଦାୟିତ୍ୱ ପାଳନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଲଖନପୁରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ଅମ୍ବାଭୋନା, ୫।୪(ସମିସ):** ଅମ୍ବାଭୋନା ବ୍ଲକ ଲଖନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସଚେତନ ନାଗରିକ ଓ ବରିଷ୍ଠ ନାଗରିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରିଣୀ ଭାବନା ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ମୁଖ୍ୟଅତିଥି ଭାବେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲଖନପୁର ପଞ୍ଚାୟତ ସରପଞ୍ଚ ସତ୍ୟ ଭୂଷଣ ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ୍ ମୋହନ ସିଂହ, ସ୍କୁଲ ଚେୟାରମ୍ୟାନ ନିରଞ୍ଜନ ଦାଶ, ପ୍ରଧାନଶିକ୍ଷକ ମୋହନ କାଲୋ ଓ ସିଆରସିସି ସୁମନ୍ତ ବାଗ ମଞ୍ଚାସୀନ ଥିଲେ। ସଭା ପରିଚାଳନା ସନ୍ତୋଷ ମାଝୀ କରିଥିଲେ।ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଶିକ୍ଷା ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ଦାବି କରିଛନ୍ତି।

# ଅସହ୍ୟ ଗୁଳୁଗୁଳିରେ ବିଦ୍ୟୁତ୍ କାଟ

**ପାଇକମାଳ, ୫।୪(ସମିସ):** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢୁଛି। ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।ସକାଳ ୯ରୁ ଆରମ୍ଭ ହୋଇ ଅପରାହ୍ନ ୫ ଯାଏଁ ଗୁଳୁଗୁଳି ରହିଛି। ମଧ୍ୟାହ୍ନ ବେଳକୁ ରାସ୍ତାଘାଟ ଶୂନଶାନ ଲାଗୁଛି। ଏଯାଏଁ ଜଳଛତ୍ର କାର୍ଯ୍ୟକାରୀ ହେଇନି ପଥିକମାନେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଥଣ୍ଡା ପାନୀୟ ତଥା ତରଭୁଜ ପରି ଫଳର ଚାହିଦା ବଢ଼ିଛି। ଖରା ସାଙ୍ଗକୁ ଲୋକେ ପଖାଳ, ଟଙ୍କ ତୋରାଣି ଆପଣେଇ ନେଇଛନ୍ତି। ଲୋ ଭୋଲ୍ଟେଜ ସମସ୍ୟା ତତ୍ ସହିତ ମରାମତି କାମକୁ ନେଇ ଶନିବାର ଅଞ୍ଚଳର ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହୋଇଥିଲା ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ବିଦ୍ୟୁତ୍ କାଟକୁ ନେଇ ବିଭାଗୀୟ ତରଫରୁ ସୂଚନା ମଧ୍ୟ ଦିଆ ଯାଇନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି।ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ନେଇ ରୋଗାକ୍ରାନ୍ତ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମାଣ୍ଡୋସିଲ ଡିଗ୍ରୀ କଲେଜ

# ଷ୍ଟାର୍ଟ ଅପ୍ ଇନୋଭେସନ କାର୍ଯ୍ୟକ୍ରମ

**ପାଇକମାଳ, ୫।୪(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଶନିବାର ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଷ୍ଟାର୍ଟ ଅପ୍ ଇନୋଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଗିରୀଶ ମାଝୀ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ବିଜୟ ମେହେର, ସୁମିତାବ ନାୟକ, ପୁଷ୍ପ କାନ୍ତ ସାହୁ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଓ ପୁଷ୍ପକାନ୍ତ ସାହୁ ଷ୍ଟାର୍ଟ ଅପ୍ ଇନୋଭେସନ ଉପରେ ଆଲୋଚନା କରିଥିଲେ। ପୁଷ୍ପକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ଷ୍ଟାର୍ଟଅପ ଇନୋଭେସନ ଉପରେ ଉପସ୍ଥାପନ କରିଥିଲେ। ଛାତ୍ରୀ ଜସ୍ମିନ ତ୍ରିପାଠୀ ପ୍ରଥମ, ଦ୍ୱିତୀୟରେ ହେମନ୍ତ ସୁନା ଓ ତୃତୀୟରେ ପ୍ରଗତିକା ମହାନ୍ତି ଓ ବିଷ୍ଣୁପ୍ରିୟାରଣା ମଞ୍ଚାସୀନ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶେଷରେ ଅଧ୍ୟାପକ ବିଜୟ ମେହେର ଧନ୍ୟବାଦ ଦେଇଥିଲେ।

# ଛତାଗଡ଼ ସୁରକ୍ଷା ପରିଷଦ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲ ଅଧ୍ୟକ୍ଷଙ୍କୁ ଦାବିପତ୍ର



**ନାକଟିଦେଉଳ, ୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ହାତୀଧରା ସଂରକ୍ଷିତ ଜଙ୍ଗଲରେ ଥିବା ଛତାଗଡ଼ ଓ ବେତଗଡ଼ ଭଳି ବିଭିନ୍ନ ସ୍ଥାନରେ ଥିବା ଶୈଳାଶ୍ରୟ ଓ ଶୈଳ ଚିତ୍ରକୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପଞ୍ଜୀକରଣ କରିବା ସହ ଅଧିକରୁ ଅଧିକ ଗବେଷଣା କରାଯିବାକୁ ଦାବି ହେଉଛି। ଏହି ଅବସରରେ ଛତାଗଡ଼ ସୁରକ୍ଷା ପରିଷଦ ଲୁହାପଙ୍କ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲର ଅଧ୍ୟକ୍ଷ ଦିବିଶଦ ଗଡ଼ନାୟକଙ୍କୁ ନାକଟିଦେଉଳ ଠାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଛତାଗଡ଼ ସୁରକ୍ଷା ପରିଷଦର ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ଅରୁଣ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ କୋଷାଧ୍ୟକ୍ଷ, ପ୍ରିତମ ପ୍ରଧାନ ସୋସିଆଲ ମିଡିଆ ସେଲ, ଯୁଗଳ ପ୍ରଧାନ, ଦୁଃଶାସନ ପ୍ରଧାନ, ମାନସ ସିଂ, ଅମିତ ସାହୁ, ବିକାଶ ବଘାର, ଅମିତ୍ ସାହୁ ପ୍ରମୁଖ ସଦସ୍ୟ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରା ଯାଇଛି ଯେ, ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ବେତଗଡ଼, ଦଲକି, ବୈଷ୍ଣବଝୁଲି, କୁଟାସିଙ୍ଗା, ଖରସାଲୀ, କୁସୁମଖୋଲ ଓ ମହାଲିଙ୍ଗ ଗ୍ରାମର ପ୍ରତ୍ୟେକ ତୀର୍ଥସ୍ଥଳ ଗୁଡିକ ଛତାଗଡ଼ ଦେବୀପୀଠ ତଥା ହାତୀଧରା ପାହାଡ ମଧ୍ୟରେ ଥିବା ଶୈଳାଶ୍ରୟ ମଧ୍ୟରେ ଥିବା ୧୫ ହଜାର ବର୍ଷ ପୁରୁଣା ଶୈଳଚିତ୍ର ତଥା ପାରମ୍ପରିକ ପଦ୍ଧତିରେ କୁଠିମରା କନ୍ଧ ଓ କମାର ଜାତିରଲୋକଙ୍କ ଦ୍ୱାରା ୧୫୦୦ ବର୍ଷ ପୂର୍ବରୁ ଲୁହା ପଥରରୁ ଲୁହା ବାହାର କରିବା ଜ୍ଞାନକୌଶଳର ଉତ୍ପତ୍ତିସ୍ଥଳ ହୋଇ ଥିବାରୁ ଛତାଗଡ ଅଞ୍ଚଳର ଐତିହ୍ୟ ଅତି ପୁରାତନ ଅଟେ। ତତ୍ ସହିତ ବେତଗଡ ଗ୍ରାମରେ ଥିବା ଦେବୀ ପିଠ ଓ ପୂର୍ବ ଲୌହ ଶିଳ୍ପ ଥିଲା। ତେଣୁ ଖରସାଲି, ମହାଲିଙ୍ଗ, କୁସୁମଖୋଲ ଗ୍ରାମକୁ ଲାଗିଥିବା ବିନ୍ଧ୍ୟବାସିନୀ ପାହାଡ ଗୁଡିକ ଅଧିକରୁ ଅଧିକ ଗବେଷଣା କରିବା ପାଇଁ ଅନୁରୋଧ କରା ଯାଇଛି। ଲୁହାପଙ୍କ ଅଞ୍ଚଳକୁ ଆସି ଛତାଗଡର ଶୈଳଚିତ୍ରକୁ ପଞ୍ଜୀକରଣ ସହିତ ଅଧିକରୁ ଅଧିକ ଗବେଷଣା କରିବାକୁ ଛତାଗଡ ସୁରକ୍ଷା ପରିଷଦର ସଦସ୍ୟମାନେ ଅନୁରୋଧ କରିଛନ୍ତି।

# ୱିନର୍ ବ୍ରାଇଟ୍‌ଫ୍ୟୁଚର ସ୍କୁଲ୍‌ରେ ସିପିଆର୍ ପ୍ରଶିକ୍ଷଣ

**ପଦ୍ମପୁର, ୫।୪(ସମିସ):** ଖୁଣ୍ଟପାଲି ୱିନର୍ ବ୍ରାଇଟ ଫ୍ୟୁଚର ସ୍କୁଲ୍‌ରେ ଇଣ୍ଡିଆନ୍ ସୋସାଇଟି ଅଫ୍ କ୍ରିଟିକାଲ କେୟାର ମେଡିସିନ୍ (ଓଝଉଉଗ)ର ସ୍କୁଲ୍ ସିପିଆର୍ ପ୍ରୋଗାଁ ଅଭିଯାନ ଅନ୍ତର୍ଗତ ସିପିଆର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ.ସୌରଭ ପାଣିଗ୍ରାହୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଥମେ ପ୍ରଶିକ୍ଷକ ଡାକ୍ତର ସୌରଭ ପାଣିଗ୍ରାହୀଙ୍କୁ ପାରମ୍ପରିକ ତିଲକ ଲଗାଇ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ୍, ଖୁଣ୍ଟପାଲିର ଅଧ୍ୟକ୍ଷା ଜେନିସ୍ ତିୱାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କୁ ସିପିଆର୍‌ର ପ୍ରାଧାନ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ।ହୃଦ୍‌ଘାତ ହେଲେ ରୋଗୀଙ୍କର ଜୀବନ ଯେମିତି ରକ୍ଷା ହୋଇ ପାରିବ ବିସ୍ତୃତ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀ ମଧ୍ୟ ସିପିଆର୍ ପ୍ରଣାଳୀର ପ୍ରୟୋଗ କରିଥିଲେ। ପ୍ରଶିକ୍ଷଣରେ ୬୯ ଜଣ ଛାତ୍ରଛାତ୍ରୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ଅଧ୍ୟକ୍ଷା ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରି ପ୍ରଶିକ୍ଷକ ଡାକ୍ତର ସୌରଭ ପାଣିଗ୍ରାହୀଙ୍କୁ ସମ୍ମାନିତ କରିଥିଲେ।ଶେଷରେ ସ୍କୁଲ୍‌ର ସଭାପତି ଶ୍ରୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**ପଦ୍ମପୁର, ୫।୪ (ସମିସ):** ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ର ପ୍ରତ୍ୟୁଷ ମିଶ୍ରଙ୍କ ପ୍ରାରମ୍ଭିକ ସଙ୍ଗୀତ ଗାନ ପରିବେଶକୁ ଭକ୍ତିମୟ କରିଦେଇଥିଲା। ଡକ୍ଟର ସରୋଜ ନାଏକ ଅତିଥିମାନଙ୍କୁ ସମ୍ମାନର ସହ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଚୟନ' ଉନ୍ମୋଚିତ ହେବା ସହ ଅଧ୍ୟାପକ ପ୍ରମୋଦ ତ୍ରିପାଠୀ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ଶିକ୍ଷାୟତନର ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ନାରୀ ସଶକ୍ତିକରଣ ଏବଂ ସାମ୍ପ୍ରତିକ ସମାଜରେ ଶିକ୍ଷାର ଅପରିହାର୍ଯ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଶୃଙ୍ଖଳିତ ଛାତ୍ର ଜୀବନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ସନାତନ ପ୍ରଧାନ ଯୋଗଦେଇ ଜୀବନ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାରୋହରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅଧ୍ୟାପକ ସନ୍ତୋଷ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

**ରେଢ଼ାଖୋଲ, ୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଖଦାଢ଼ିପସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜିତ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯାଜ୍ଞସେନୀ ନାୟକ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଆଲୁମନି ସଭାପତି ଗଣେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ମହାବୀର ସିଂଦେଓ, କାଉନସିଲର ଅମରେଶ ପ୍ରଧାନ, ଜୁଲିରାଣୀ ବେହେରା, ଏନ୍‌ଏସି ସିଆରସିସି ବିଦ୍ୟାଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।ପ୍ରବେଶ ଉତ୍ସବରେ ଛୋଟ ଛୋଟ ଶିଶୁ ମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ଅନୁପମା ମିଶ୍ରଙ୍କ ସହାୟତାରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଖେଳ ପ୍ରଦର୍ଶିତ କରାଯାଇଥିଲା।ଶିକ୍ଷୟତ୍ରୀ ନମିତାରାଣୀ ପ୍ରଧାନ ସ୍କୁଲ ରେଜିଷ୍ଟରରେ ଛାତ୍ରଛାତ୍ରୀଙ୍କ ନାମ ଲେଖିଥିଲେ। ସମସ୍ତ ଅଭିଭାବକ ଓ ବିଦ୍ୟାଳୟ ପରିଚଲାନା କମିଟୀ ସଭ୍ୟାସଭ୍ୟା ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ସୁଜାତା ମହାପାତ୍ର, ପ୍ରମିଳା ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ହୀରାକୁଦ ସମସ୍ୟା ନେଇ କମିଶନରଙ୍କ ସହ ଆଲୋଚନା

**ସମ୍ବଲପୁର, ୫।୪(ସମିସ):** ହୀରାକୁଦର ଏକ ପ୍ରତିନିଧି ଦଳ ସମାଜସେବୀ କାର୍ତ୍ତିକ କଲେତଙ୍କ ନେତୃତ୍ୱରେ ହୀରାକୁଦ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ ଭେଟି ଆଲୋଚନା କରିଥିଲେ। କମିଶନର ମଧ୍ୟ ଏହି ସମସ୍ୟାଗୁଡିକୁ ଗୁରୁତ୍ୱ ସହ ନେଇ ସମାଧାନ କରିବା ଲାଗି ଆଶ୍ୱାସନା ଦେଇଥିଲେ। ସୁନିତା ନାଗ, ଦିପା ସୁନା, କୁନ୍ତୀ ଯାଳ, ହେମନ୍ତ ହିଆଲ, ସବିତା ଦୀପ, ତାରା ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧରାଗ୍ରାମରେ ଅଷ୍ଟଶମ୍ଭୁ ମିଳନ

**ରେଢ଼ାଖୋଲ, ୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଅଧୀନ କନ୍ଧରା ଗ୍ରାମରେ ଅଷ୍ଟଶମ୍ଭୁ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସକାଳ ସମୟରେ କଦଳୀଗଡ଼ ଶିବ ମନ୍ଦିରରୁ ଢୋଲ, ନିସାଣ, ତାଳେ ତାଳେ ଭବ୍ୟ ଶୋଭାଯାତ୍ରାରେ ବାହାରି କନ୍ଧରାଗ୍ରାମ ପରିକ୍ରମା କରିବା ସହିତ ବନ୍ଦାଣ ଘେରିଥିଲେ। ଏହାପରେ କନ୍ଧରା ଭୀମଭୋଇ ସ୍ମୃତି ପୀଠ ପଡ଼ିଆ ପ୍ରାଙ୍ଗଣରେ ଅଷ୍ଟଶମ୍ଭୁଙ୍କୁ ପୂଜାର୍ଚ୍ଚନା କରିବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶେଷରେ ଅଷ୍ଟଶମ୍ଭୁଙ୍କ ମହା ମିଳନ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବାଳିକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରପାଲି, ୫।୪(ସମିସ):** ବରପାଲି ବାଳିକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଚତୁର୍ଭୁଜ ବାବୁ, ମୁଖ୍ୟ ବକ୍ତା ଭାବେ ବରପାଲି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବିନୋଦାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ଅନିନ୍ଦିତା ସାହୁ ଯୋଗଦାନ କରିଥିଲେ। ସ୍ୱୟଂସିଦ୍ଧିକ୍ ପୂଜାରୀଙ୍କ ମଙ୍ଗଳାଚରଣ ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚଳିତ ବର୍ଷ ସ୍କୁଲର ଛାତ୍ରୀ ପ୍ରିଞ୍ଜଲ ଗହୀରଙ୍କୁ ପ୍ରତିମା ସାହୁ ଛାତ୍ରବୃତ୍ତି ସ୍ୱରୂପ ୫ହଜାର ଟଙ୍କା ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ସଦାନନ୍ଦ ବରିହା ଓ ବନ୍ଦିତା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନେତୃତ୍ୱ ଏବଂ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର



**ଭେଡେନ, ୫।୪(ସମିସ):**ଭେଡେନ ବ୍ଲକ କାର୍ଯ୍ୟାଳୟରେ ଥିବା ସଭାଗୃହରେ ଭେଡେନ ବିଡିଓ କର୍ଣ୍ଣ ସୁନାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ନେତୃତ୍ୱ ଏବଂ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠିତ ଶିବିରରେ ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ପୁଷ୍ଟି, ପ୍ରଶିକ୍ଷକ ଜନକ ସେଠ, ବରୁଣକୁମ୍ଭାର, ଡିପିଏମରୁଦ୍ର ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ବ୍ଲକର ସମସ୍ତ କାର୍ଯ୍ୟରତ କର୍ମଚାରୀ ଯୋଗଦାନ କରିଥିଲେ। ଶିବିରରେ କର୍ମଚାରୀ ମାନେ ବିଭିନ୍ନ କାମ କରୁଥିବା ବେଳେ ଅନେକ ସମସ୍ୟାର ସମ୍ମୁଖିନ ହଉଛନ୍ତି ହେଲେ ତାର ସମାଧାନ କିପରି କରାଯିବ ବିଷୟରେ ଆଲୋଚନା ହେବା ସହିତ କର୍ମଚାରୀମାନେ ଆଗକୁ ବଢ଼ି ଚାଲିବା ସହିତ ତାଙ୍କ ଦକ୍ଷତା ପ୍ରତିପାଦିତ କରି ସମସ୍ୟାର ସମାଧାନ କରିବାକୁ ପ୍ରକାଶ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

# ଆଜିଠୁ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

ସମ୍ବଲପୁର, ୫।୪ (ସମିସ)




ଆସନ୍ତା ୬ ତାରିଖରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ ସମ୍ବଲପୁର ଠାରେ ରାଜ୍ୟସ୍ତରୀୟ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଓଡ଼ିଶାର ୧୪ଟି ବିଶ୍ୱବିଦ୍ୟାଳୟରୁ ୩୪୬ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଏମ୍ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାମ୍ପିଅନସିପ୍‌ରେ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ୧୮ଟି ଆଥଲେଟିକ୍ସ ଇଭେଣ୍ଟ ସାମିଲ ହେବ। ପୁରୁଷ କ୍ରୀଡ଼ାବିତ୍ ୧୯୦ ଜଣ, ମହିଳା କ୍ରୀଡ଼ାବିତ୍ ୧୫୬ ଜଣ, ପରିଚାଳକ ୧୫ ଜଣ, ପ୍ରଶିକ୍ଷକ ୧୫ ଜଣ ଏବଂ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ବୈଷୟିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ୧୫୦ ଜଣ ଅଂଶଗ୍ରହଣ କରିବେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ମନୋନୀତ କରାଯାଇଥିବାରୁ ପ୍ରଫେସର ଦାସ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା ୬ ତାରିଖ ଅପରାହ୍ନରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଏବଂ ପ୍ରସିଦ୍ଧ ଭାରତୀୟ ଟ୍ରାକ୍ ଏବଂ ଫିଲ୍ଡ ଆଥଲେଟ୍ ଦୂତୀ ଚାନ୍ଦ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟର ଭିସି ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୋଡାଲ ଅଧିକାରୀ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଜନସୂଚନା ଅଧିକାରୀ ପ୍ରଫେସର ଅତୁଲ କୁମାର ପ୍ରଧାନ, ଶାରୀରିକ ଶିକ୍ଷା ଅଧିକାରୀ ଦିବ୍ୟାନି ଶୁକ୍ଲା ଏବଂ ଲିଙ୍ଗରାଜ ବେହେରା ଉପସ୍ଥିତ ଥିଲେ। ଥ୍ରୋଇଂ ଇଭେଣ୍ଟ ଗୁଡ଼ିକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ହେବ। ଗ୍ରୀଷ୍ମ ପରିସ୍ଥିତିକୁ ଦେଖି ସକାଳ ଅଧିବେଶନ ୬ଟାରୁ ସାଢ଼େ ୯ଟା ଏବଂ ସନ୍ଧ୍ୟା ଅଧିବେଶନ ଅପରାହ୍ନ ୩ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୮ଟି ଇଭେଣ୍ଟ ମଧ୍ୟରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ଓ ୧୦୦୦୦ ମିଟର ଦୌଡ଼, ୧୧୦ ଓ ୪୦୦ ମିଟର ହଡଲ୍‌ସ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ହାଇଜମ୍ପ, ସଟ୍‌ପୁଟ୍, ଡିସକସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ହାମର୍ ଥ୍ରୋ, ୪-୧୦୦ ଓ ୪-୪୦୦ ମିଟର ରିଲେ ଦୌଡ଼ ଆଦି ଇଭେଣ୍ଟ ରହିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୩୬ ଜଣ (୨୧ ପୁରୁଷ, ୧୫ ମହିଳା) ଭାଗନେବାକୁ ଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ୨୭ ଜଣ (୧୫ ପୁରୁଷ ଓ ୧୨ ମହିଳା) ଭାଗ ନେଉଥିବା ଜଣାପଡ଼ିଛି। ଚମ୍ପିଆନ୍‌ସିପ୍‌ରେ ମହିଳା ଅଂଶଗ୍ରହଣକାରୀଙ୍କ ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରହଣୀ ବ୍ୟବସ୍ଥା ହୋଇଥିବା ବେଳେ ପୁରୁଷ ଅଂଶଗ୍ରହଣକାରୀ, ଅଧିକାରୀ, ପରିଚାଳକ ଏବଂ ପ୍ରଶିକ୍ଷକମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ରହିବେ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଇଭେଣ୍ଟ ଆୟୋଜନ ପାଇଁ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ମେଗା ଇଭେଣ୍ଟ ଆୟୋଜନ ଓ ପରିଚାଳନା ପାଇଁ ଜିଏମ୍ୟୁ ପକ୍ଷରୁ ୧୮ଟି କମିଟି ଗଠନ କରାଯାଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କୁଳପତି ପ୍ରଫେସର ଦାସ ସୂଚନା ଦେଇଛନ୍ତି।

# ବରଗଡ଼ରେ 'ଚାନ୍ଦି ଭଣ୍ଡାର'ର ଶୋ'ରୁମ୍ ଉଦ୍‌ଘାଟିତ

**ବରଗଡ଼, ୫।୪(ସମିସ):** ଓଡ଼ିଶାର ଅଗ୍ରଣୀ ଏବଂ ପ୍ରିମିୟମ ରୂପା ଅଳଙ୍କାର ପ୍ରତିଷ୍ଠାନ 'ଚାନ୍ଦି ଭଣ୍ଡାର' ଏବେ ବରଗଡ଼ ସହରରେ ନିଜର ନୂଆ ଶୋ'ରୁମ୍ ଖୋଲିଛି। ଶନିବାର ସ୍ଥାନୀୟ ଭାଟଲି ଚୌକ ନିକଟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାନ ପକ୍ଷରୁ ଏହି ନୂଆ ଶୋ'ରୁମ୍ ସମ୍ପର୍କରେ ସୂଚନା ଦିଆଯାଇଛି। ସାରା ଓଡ଼ିଶାରେ ଏହା 'ଚାନ୍ଦି ଭଣ୍ଡାର'ର ୨୮ତମ ଶାଖା। ଏହି ସମ୍ମିଳନୀକୁ ସମ୍ବୋଧିତ କରି ମାଣିକ ହାନ୍ସ କହିଛନ୍ତି, ବରଗଡ଼ବାସୀଙ୍କୁ ଉଚ୍ଚକୋଟୀର ଏବଂ ଅତ୍ୟାଧୁନିକ ଡିଜାଇନ୍‌ର ରୂପା ଅଳଙ୍କାର ଯୋଗାଇଦେବା ଲକ୍ଷ୍ୟରେ ଏହି ଶୋ'ରୁମ୍ ଖୋଲାଯାଇଛି। ଏଠାରେ ଗ୍ରାହକମାନେ ପାରମ୍ପରିକ ଏବଂ ଆଧୁନିକ ଶୈଳୀର ବିଭିନ୍ନ ପ୍ରକାରର ରୂପା ଗହଣା, ଉପହାର ସାମଗ୍ରୀ ଏବଂ ଦେବଦେବୀଙ୍କ ମୂର୍ତ୍ତି ଅତି ସହଜରେ ପାଇପାରିବେ। ବରଗଡ଼ ଭଳି ଏକ ସାଂସ୍କୃତିକ ଏବଂ ବ୍ୟବସାୟିକ କେନ୍ଦ୍ରରେ ନିଜର ଶାଖା ବିସ୍ତାର କରିଥିବାରୁ ପ୍ରତିଷ୍ଠାନ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନେକ ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ ଉଦ୍ୟୋଗପତି ଶ୍ରବଣ ଲାଠ, ଅମିତ୍ ଲାଠ, ରାକେଶ କୁମାର ସାହୁ, ଚାନ୍ଦି ଭଣ୍ଡାର ପଶ୍ଚିମ ଓଡ଼ିଶାର କ୍ଲଷ୍ଟର ମ୍ୟାନେଜର ଆଶିଷ କୁମାର ପଣ୍ଡା, ବରଗଡ଼ ଷ୍ଟୋର ମ୍ୟାନେଜର ଶିବ ରଞ୍ଜନ ବେହେରାଙ୍କ ସମେତ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବରଗଡ଼ର ଏହି ନୂଆ ଷ୍ଟୋର୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଆଉ ବାହାର ସହରକୁ ଯିବାକୁ ପଡ଼ିବ ନାହିଁ, ସେମାନେ ନିଜ ସହରରେ ହିଁ ଅନ୍ତର୍ଜାତୀୟମାନର ଅଳଙ୍କାର ପାଇପାରିବେ।



# ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼

ବରଗଡ଼, ୫।୪(ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ'ର ପଞ୍ଚମ ଦିବସ ଅବସରରେ ଆଜି ବରଗଡ଼ ସହରରେ ଏକ ବିଶାଳ ଐତିହ୍ୟ ଗଣ ଦୌଡ' ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଧୁଛନ୍ଦା ସାହୁ ଯୋଗଦେଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର ମିଶ୍ର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ପଣ୍ଡା, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାର ମିଶ୍ର, ବରଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିଷ ପ୍ରଧାନ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଗଣ ଦୌଡ଼ରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୪୬୦ ରୁ ଅଧିକ ଛାତ୍ରଛାତ୍ରୀ, କ୍ରୀଡ଼ାବିତ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ମିନି ଷ୍ଟାଡିୟମରୁ ବାହାରି ଏହି ଦୌଡ଼ ସହରର ପ୍ରମୁଖ ରାସ୍ତା ଦେଇ ପରିକ୍ରମା କରିଥିଲା। ଓଡ଼ିଆ ଭାଷାର ଗୌରବକୁ ବଜାୟ ରଖିବା ସହ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଇନ୍‌ଡୋର ଷ୍ଟାଡିୟମର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




# ୭ରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବାର୍ଷିକ ସଭା

**ଅତାବିରା, ୫।୪(ସମିସ):** ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ବାର୍ଷିକ ସାଧାରଣ ସଭା ଆସନ୍ତା ୭ ତାରିଖ ଲାଦରପାଲିସ୍ଥିତ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ। ଏଥିରେ ବରଗଡ଼, ସମ୍ବଲପୁର ଓ ସୋନପୁର ଜିଲ୍ଲାର ବିଭିନ୍ନ ଚାଷୀ ସଂଗଠନର ସଦସ୍ୟ, ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ କୃଷକର ଉନ୍ନତି ସକାଶେ ସଂଗଠିତ ଲଢ଼େଇ କରିବା, ଧାନ ବିକ୍ରିରେ ହେଉଥିବା ସମସ୍ୟା ଓ ତା'ର ସମାଧାନ, ସମସ୍ତ କୃଷକଙ୍କୁ ପେନ୍‌ସନ୍ ପ୍ରଦାନ, କୃଷି କ୍ଷେତ୍ରରେ ବିଦ୍ୟୁତ ମାଗଣା ଆଦି ବିଷୟ ଆଲୋଚନାର ପ୍ରସଙ୍ଗ ରହିବ ବୋଲି ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ବୀରେନ୍ଦ୍ର କର ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ଭୁବନ ପ୍ରଧାନ, କୁବେର ପ୍ରଧାନ ଯୋଗ ଦେଇଥିଲେ। କିଛି ଦିନ ତଳେ ନବ ନିର୍ମାଣ କୃଷକ ସଂଗଠନର ଅନ୍ୟତମ ଯୁବ ଚାଷୀ ନେତା ପ୍ରଦ୍ୟୁମ୍ନ ପାଢ଼ୀଙ୍କୁ ଗିରଫ କରି ଜେଲ ଦଣ୍ଡ ଭଳି ପରିସ୍ଥିତି ଦେଖିବାକୁ ମିଳିଲା। ଏ ସମସ୍ୟା ନେଇ ସଂଗଠିତ ହୋଇ ଲଢ଼େଇ କରିବାକୁ ଆହ୍ୱାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ଜଣାଇଥିଲେ।

# ପାକ୍ସ ଅନିୟମିତତା ଓ ଅଧ୍ୟାପିକାଙ୍କୁ ନିର୍ଯାତନାକୁ ନେଇ ଅସନ୍ତୋଷ

**ବରଗଡ଼, ୫।୪(ସମିସ):** ଝାରବନ୍ଧ ବ୍ଲକ ଡଭା ପାକ୍ସରେ ବେଆଇନ ଋଣ ବଣ୍ଟନ, ଧାନକାର୍ଡ ପ୍ରସ୍ତୁତି ଓ ବେଆଇନ ଟଙ୍କା ଉଠାଣ ନେଇ ଉଠିଥିବା ଅଭିଯୋଗ ଘଟଣାକୁ ନେଇ ଆଜି ଡଭାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଛୋଟଅନକି ସମିତିସଭ୍ୟ ସତ୍ୟମ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳଙ୍କ ଆଦେଶ ପରେ ମଧ୍ୟ ଡଭା ପାକ୍ସ ଘଟଣାରେ ମାମଲା ରୁଜୁ ନ ହେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଝଡ଼ବର୍ଷା ଯୋଗୁଁ ଅଞ୍ଚଳର ବହୁ ଚାଷୀ ଅନୁପସ୍ଥିତ ରହିବାରୁ ଆଗାମୀ କାର୍ଯ୍ୟକ୍ରମର ତାରିଖ ନିର୍ଦ୍ଧାରଣ ହୋଇ ପାରିନାହିଁ। ଏହି ବୈଠକରେ ଖଟିଖିଆ ସଂଗଠନ ତଥା ଏସ୍‌ସି-ଏସ୍‌ଟି ମିଳିତ ମଞ୍ଚ, ପଦ୍ମପୁର ଉପଖଣ୍ଡର ସଭାପତି ଭୋଜରାଜ ବାଗ୍ ସାମିଲହୋଇ ଝାରବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ମହାଦୁର୍ନୀତି ଏବଂ ଆଦିବାସୀ ମହିଳା ଅଧ୍ୟାପିକାଙ୍କୁ ନିର୍ଯାତନା ଘଟଣାରେ ଜଡ଼ିତ ଥିବା ଅଭିଯୁକ୍ତ ଅଧ୍ୟାପକଙ୍କ ନାମ ପଞ୍ଜିକରଣରୁ ବାଦ୍ ଦିଆଯାଇଥିବା ଅଭିଯୋଗକୁ ମଧ୍ୟ ବୈଠକରେ ଉଠାଇ ଥିଲେ। କଲେଜ ଘଟଣାକୁ ତଥା ଡଭା ପାକ୍ସ ଦୁର୍ନୀତି ଘଟଣାକୁ ନେଇ ଯଦି ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ ହେବ ବୋଲି କହିଛନ୍ତି। ଏହି ବୈଠକରେ ଶେଷକାନ୍ତ ସାହୁ, ସତ୍ୟ ପ୍ରଧାନଙ୍କ ସମେତ ଅଭିଯୋଗ କରିଥିବା ଚାଷୀ ସାମିଲ ଥିଲେ। ବୈଠକରେ ଉଭୟ ଘଟଣାରେ ଶୀଘ୍ର ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଦୋଷୀଙ୍କ ବିରୋଧରେ ତତ୍କାଳ ମାମଲା ରୁଜୁ ଓ ଗିରଫ ଦାବି କରାଯାଇଥିଲା।



## ବାର୍‌ହା ଦୌରାତ୍ମ୍ୟ; ଚିନ୍ତାରେ ଚାଷୀ

**ବରପାଲି/ମହଦା, ୫।୪ (ସମିସ):** ବରପାଲି ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ଯନ୍ତୁଙ୍କ ଉପଦ୍ରବ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ଶନିବାର ରାତିରେ ମହଦା ପଞ୍ଚାୟତ ରାବନଗୁଡା ଗାଁ ତଥା ଆଖପାଖ ଚାଷଜମିରେ ବାର୍‌ହା ଦଳବଳ ସହିତ ଚିନାବାଦାମ ଓ ଧାନ କିଆରିରେ ପଶି ନଷ୍ଟ କରିଦେଇଛନ୍ତି। ଚାଷୀମାନଙ୍କ କହିବା କଥା ଗତ ଏକମାସ ହେବ ଏହିପରି କାର୍ଯ୍ୟକଳାପ ଦେଖିବାକୁ ମିଳୁଛି। ନିକଟସ୍ଥ ନାଳପାଖ ବଣୁଆ ଅଞ୍ଚଳରୁ ଏହି ବାର୍‌ହା ମାନେ ପ୍ରବେଶ କରୁଛନ୍ତି।

## ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା ଚୟନ

**ସୋହେଲା, ୫।୪ (ସମିସ):** ଆଜି ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଆଗାମୀ ୨୦୨୬/୨୦୨୮ ଦୁଇ ବର୍ଷ ପାଇଁ ସୋହେଲା ଅଗ୍ରୱାଲ ସଭାର ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଅଗ୍ରୱାଲ ସଭାର ସାଧାରଣ ବୈଠକରେ ଚନ୍ଦ୍ର ଅଗ୍ରୱାଲ ସଭାପତି, ଉତ୍ତମ ଅଗ୍ରୱାଲ ଏବଂ ରାମ ଅଗ୍ରୱାଲ(ଘେଁସ) ଉପସଭାପତି, ମୁକେଶ ଅଗ୍ରୱାଲ ସମ୍ପାଦକ, ରାହୁଲ ଅଗ୍ରୱାଲ ଏବଂ ବିକି ଅଗ୍ରୱାଲ ସହ ସମ୍ପାଦକ, ବବଲୁ କୁମାର ଅଗ୍ରୱାଲ କୋଷାଧ୍ୟକ୍ଷ, ଗୋବିନ୍ଦ ଅଗ୍ରୱାଲ ଆଇନ ପରାମର୍ଶଦାତା ଭାବେ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଛି। ଏଥିସହ ଅଗ୍ରୱାଲ ସଭାର ସମସ୍ତ ପୂର୍ବତନ ସଭାପତିଙ୍କ ସହିତ ଦିଲ୍ଲୀପ ଅଗ୍ରୱାଲ, ପପ୍ପୁ ଅଗ୍ରୱାଲ, ଗୋପୀ ଅଗ୍ରୱାଲ, ହୀରା ଅଗ୍ରୱାଲ, ଖେମଚନ୍ଦ ଅଗ୍ରୱାଲ, ଡିଲୁ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ମହେନ୍ଦ୍ର କାଂଶଲ, ଗ୍ୟାର୍ସି ଅଗ୍ରୱାଲ, ରମେଶ ଅଗ୍ରୱାଲଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ଅଲ୍‌ଇଣ୍ଡିଆ ନ୍ୟାସନାଲ ଓପନ୍ କରାଟେ ଚାମ୍ପିଅନସିପ; ବରଗଡ଼କୁ ୫ ପଦକ

**ବରଗଡ଼, ୫।୪(ସମିସ):** ଝାରସୁଗୁଡ଼ାରେ ଦୁଇଦିନ ଧରି ଚାଲିଥିବା ଅଲ୍ ଇଣ୍ଡିଆ ଓପନ୍ ନ୍ୟାସନାଲ କରାଟେ ଚାମ୍ପିଅନସିପ୍‌ରେ ବରଗଡ଼କୁ ୫ ପଦକ ମିଳିଛି। ଏଥିରେ ବରଗଡ଼ ଜିଲ୍ଲା କରାଟେ ଦଳରୁ ୧୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁନିୟର ବିଭାଗରେ ଶ୍ରୀୟାଂଶୁ କୁମାର ସିକାକୁ ସିଲଭର, ରୁଦ୍ରାଂଶ ଶର୍ମା ବ୍ରୋଞ୍ଜ, ଶାକଶମ ପଟୱାରୀ ବ୍ରୋଞ୍ଜ ସେହିପରି ସିନିଅର ବିଭାଗରେ ଇବ୍ରାହିମ୍ ବାରିକ ସିଲଭର ଓ କୋଚ୍ ଅରବିନ୍ଦ ସୁନାଙ୍କୁ ଗୋଲ୍ଡ ପଦକ ମିଳିଛି। ସମସ୍ତ ବିଜେତାଙ୍କୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଶୁଭେଚ୍ଛା ଜଣାଇଛନ୍ତି।

# ମହାମାୟା ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ପାଇକମାଳ, ୫।୪ (ସମିସ):** ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଧୁ ନରସିଂହ ଦାସ, ସମ୍ମାନିତ ଅତିଥି ଭାବେ ଜେଏନଭି ପାଇକମାଳ ଅଧ୍ୟକ୍ଷ ଅରବିନ୍ଦ ପାତ୍ର, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତି, ବିଦ୍ୟାଳୟର ସମ୍ପାଦକ ଡ. ଟଙ୍କଧର ସାହୁ, ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁ ଯୋଗଦେଇ ଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଯଶୋଦେବ ଭୁଏ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପାଇକମାଳ ଅଞ୍ଚଳର ତିନିଜଣ ଅବସରପ୍ରାପ୍ତ ଶିକ୍ଷକ ଅନିଲ କୁମାର କାଲିଆ, ହୃଦାନନ୍ଦ ଭୋଇ, ନନ୍ଦଲାଲ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମଲ୍ଲିକା କୁମ୍ଭାର ଓ କର୍ଣ୍ଣିକା ପ୍ରଧାନ ସଭା ପରିଚାଳନା କରିଥିଲେ। ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଦୀନେଶ ଶତନାମୀ, ପ୍ରଶାନ୍ତ ହରିପାଲ, ସୁବ୍ରତ ମାଝୀ, ଦୀପକ ସତନାମୀ, ତ୍ରିଲୋଚନ ସାହୁ, ଏବଂ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ, ସୁଭଦର୍ଶିନୀ ହୋତା, ପୂଜା ପଣ୍ଡା, ଉଜାଲା ବରିହା, ନିଲେନ୍ଦ୍ରୀ ଦାସ, ତୃପ୍ତିମୟୀ ସାହୁ, କିଶୋରୀ ସାହୁ, ପୂଜାରାଣୀ ସାହୁ, ଜ୍ୟୋତି ପ୍ରଭା ସାହୁ, ସଂଯୁକ୍ତା ପ୍ରଧାନ, ଲକ୍ଷ୍ମୀ ଦାଶ, ସ୍ୱଗତିକା ମହାନ୍ତି, ବିନୋଦିନୀ ସାହୁ, କୌଶଲ୍ୟା ହରିପାଲ, ଶସ୍ମିତ ବିଶ୍ୱାଳ, ରଶ୍ମୀ ସାହୁ, ପ୍ରଗତି ମଞ୍ଜରୀ ମିଶ୍ର, ଅଞ୍ଜଳୀ ସେଠ, ଲିଜା ସାହୁ ସହଯୋଗ କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**ବରଗଡ଼, ୫।୪(ସମିସ):** ସ୍ଥାନୀୟ ପି.ଏମ୍ ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲାର ସଭାପତି ବିମଳ କୁମାର ଦାଶ ମୁଖ୍ୟ ଅତିଥି ଭାବେ ତଥା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ରେନୁ ଦାଶ ଶର୍ମା, ପ୍ରାକ୍ତନ ଖେଳ ଶିକ୍ଷୟିତ୍ରୀ ଆଶା ଦିଦି ତଥା ବିଦ୍ୟାଳୟ ପରିଚାଳନା କମିଟି ର ଉପ ସଭାପତି ରୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ ମଙ୍ଗୁଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକ ଉପସ୍ଥିତ ଥିଲେ।

## ୨୦ କୁଇଣ୍ଟାଲ ମହୁଲ ଜବତ; ଅଭିଯୁକ୍ତ ଅଟକ

**ଝାରବନ୍ଧ, ୫।୪(ସମିସ):** ବରଗଡ଼ ଜିଲ୍ଲାରେ ଚୋରା ମହୁଲ ଚାଲାଣ ଉପରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ରବିବାର ସକାଳେ ଛତିଶଗଡ଼କୁ ମହୁଲ ଫୁଲ ଚାଲାଣ କରାଯାଉଥିବାବେଳେ ଅବକାରୀ ଟିମ୍ ମାଡ଼ି ବସିଥିଲା। ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପାଇକମାଳ ଅବକାରୀ ବିଭାଗ ପୂର୍ବରୁ ଯୋଜନା କରି ଚଢ଼ଉ କରିଥିଲା। ସକାଳ ପ୍ରାୟ ୬ଟା ସମୟରେ ଜଟେସିରା-ଜଗଦଲପୁର ମୁଖ୍ୟ ରାସ୍ତାରେ ଏକ ସନ୍ଦେହଜନକ ଚାରିଚକିଆ ପିକଅପ୍ ଗାଡ଼ିକୁ ଅଟକାଇ ତଲାସି କରାଯାଇଥିଲା। ତଲାସି ସମୟରେ ଗାଡ଼ି ଭିତରୁ ପ୍ରାୟ ୫୦ଟି ଜରି ବସ୍ତାରେ ଭର୍ତ୍ତି ମହୁଲ ଫୁଲ ଓଜନ ୨୦ କୁଇଣ୍ଟାଲ ୨୦ କେଜି ଯାହା ଜବତ କରାଯାଇଥିଲା। ପରେ ତଦନ୍ତରେ ଜଣାପଡ଼ିଥିଲା ଯେ, ଏହି ମହୁଲ ଫୁଲଗୁଡ଼ିକୁ ଛତିଶଗଡ଼କୁ ଚୋରାଭାବେ ଚାଲାଣ କରାଯାଉଥିଲା। ଏହି ଘଟଣାରେ ଜଟେସିରା ଗ୍ରାମର ଭୁବନେଶ୍ୱର ପ୍ରଧାନଙ୍କୁ ପିକ୍‌ଅପ୍ ସହ ଅଟକ ରଖାଯାଇଛି।



# ୪ ଛାତ୍ରଛାତ୍ରୀଙ୍କ ସଫଳତା

**ଝାରବନ୍ଧ, ୫।୪(ସମିସ):** ଝାରବନ୍ଧ ବ୍ଲକରେ ନୂତନ ଭାବେ ଆରମ୍ଭ ହୋଇଥିବା ନିଉଷ୍ଟାର କୋଚିଂ ସେଣ୍ଟର ତାହାର ପ୍ରଥମ ବର୍ଷର ପ୍ରୟାସରେ ହିଁ ଚମତ୍କାର ସଫଳତା ଅର୍ଜନ କରିଛି। ସେଣ୍ଟରର ୪ ଜଣ ଛାତ୍ରଛାତ୍ରୀ ଓଏଭି ପ୍ରବେଶିକା ପରୀକ୍ଷା ୨୦୨୬ ପରୀକ୍ଷାରେ ସଫଳତା ଅର୍ଜନ କରିଥିବାରୁ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଦେଖାଦେଇଛି। ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ହେଲେ ଉପମା ବାଗ, ଅମ୍ଳାନ ସାହୁ, ଭୀମରାଜ ସିଦାର ଓ ପୂର୍ଣ୍ଣିମା ସିଦାର। ସେମାନଙ୍କର ଏହି ସଫଳତା କେବଳ ସେମାନଙ୍କ ପରିବାର ପାଇଁ ଗର୍ବର ବିଷୟ ନୁହେଁ, ବରଂ ସମଗ୍ର ଝାରବନ୍ଧ ବ୍ଲକ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ହୋଇଉଠିଛି। କୋଚିଂ ସେଣ୍ଟରର ମୁଖ୍ୟ ଏସ୍.କେ. ମହାପାତ୍ର କହିଥିଲେ ଯେ, ଆମର ପ୍ରଧାନ ଉଦ୍ଦେଶ୍ୟ କେବଳ ପରୀକ୍ଷାରେ ସଫଳତା ଅର୍ଜନ କରାଇବା ନୁହେଁ, ବରଂ ଛାତ୍ରଛାତ୍ରୀମାନେ କିପରି ଆଗାମୀ ଦିନରେ ଆତ୍ମବିଶ୍ୱାସୀ ଓ ସୁ-ନାଗରିକ ଭାବେ ନିଜକୁ ଗଢ଼ି ତୋଳିବେ, ସେଥିପାଇଁ ଆମେ ନିରନ୍ତର ପ୍ରୟାସ କରୁଛୁ। ସେମାନେ ଭବିଷ୍ୟତରେ ନିଜ ବ୍ଲକ ଓ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରନ୍ତୁ, ଏହାହିଁ ଆମର ଲକ୍ଷ୍ୟ।




# ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା



**ଭେଡେନ, ୫।୪(ସମିସ):** ଭେଡେନସ୍ଥିତ ରଣଜିତା ଖେଳପଡ଼ିଆଠାରେ ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଭେଡେନସ୍ଥିତ ଜମିଦାରଙ୍କ ରାଜପ୍ରସାଦ ପରିସରରେ ସମସ୍ତ ଖେଳାଳି, ଦଳର ମାଲିକ, ଏମ୍ପି କ୍ଲବର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଏକ ବିରାଟ ମଶାଲ ଶୋଭାଯାତ୍ରାରେ ଭେଡେନ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ପହଞ୍ଚି ଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବରେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଅବସରପ୍ରାପ୍ତ ଅଧ୍ୟାପକ ପୂର୍ବତନ ଖେଳାଳି ସଂନ୍ତୋଷ କୁମାର ପଣ୍ଡା, ଦେବାନନ୍ଦ ବେହେରା, ଚିନ୍ମୟ ନାୟକ, ଶିକ୍ଷକ ଦେବେନ୍ଦ୍ର ତନସନା ପ୍ରମୁଖ ଯୋଗଦେଇ ଥିଲେ। ଉଦ୍‌ଘାଟୀ ସମାରୋହର ପ୍ରଥମ ମ୍ୟାଚ୍ ପିସି ଇଲେଭେନ ଷ୍ଟାର ଓ ମାନସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାନସ ଇଲେଭେନ ଟସ୍ ଜିତି ପିସି ଇଲେଭେନ ଷ୍ଟାରକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୨ଓଭରେ ୬ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ମାନସ ଇଲେଭେନ ୧୦.୪ ଓଭରେ ୫ଉଇକେଟ ହରାଇ ୧୨୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମାନସ ଇଲେଭେନ ଦଳର ଲିପୁନ ବେହେରା ୧୭ବଲରେ ୩୫ରନ ଓ ୨ ଉଇକେଟ ନେଇ ମ୍ୟାନ ଅଫ୍ ଦ. ମ୍ୟାଚ୍ ପୁରସ୍କାର ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଖେଳକୁ ଆନନ୍ଦ ମହାପାତ୍ର ଓ ପ୍ରସନ୍ନ ଦାଶ ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ସୁଜୟ ମେହେର ଓ ଅଭିଷେକ ପାଣ୍ଡେ ଦାୟିତ୍ୱ ନେଇଥିଲେ। ସଞ୍ଜୟ ମେହେର ଓ ସୁଦାମ ମେହେର ପ୍ରଦାନ କରିଥିଲେ।

**ମାନସ ଇଲେଭେନ ବିଜୟ**

# କୁଲିଆରୀରେ ମା' ବିନ୍ଧ୍ୟବାସିନୀ ପୂଜା ଉଦ୍‌ଯାପିତ

**ଗାଇସିଲେଟ, ୫।୪(ସମିସ):** ବରଗଡ଼ ଜିଲ୍ଲା କଟାବାହାଲ ପଞ୍ଚାୟତ କୁଲିଆରୀ ଗ୍ରାମରେ ୩ ଦିନ ଧରି ମା' ବିନ୍ଧ୍ୟବାସିନୀଙ୍କ ପୂଜା ପାଳିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଗାଁ ପୋଖରୀରୁ ଏକ ଭବ୍ୟ କଳସ ଯାତ୍ରା ସହିତ ଗ୍ରାମ ପରିକ୍ରମା କରି ମାଙ୍କ ମଣ୍ଡପରେ କଳସ ସ୍ଥାପନା କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଦଣ୍ଡନୃତ୍ୟ, ଅପେରା, ଡ୍ୟାନ୍ସ ଭଳି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଅର୍ପିତା ପଣ୍ଡା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପ୍ରଧାନ, ସାମ୍ବାଦିକ ଡିଲେଶ୍ୱର ବାଗ, ସମାଜସେବୀ ସୁଶାନ୍ତ ପଣ୍ଡା, ବିଜେପି ମଣ୍ଡଳ ସଭାପତି ବିଶ୍ୱନାଥ ସାହୁ, ବିଜେପି ନେତା ବିପିନ ସାହୁ, ବନପାଳ ରାଜେନ୍ଦ୍ର ସିଂ, ବନରକ୍ଷୀ ଅଜୟ ଦାଶ, ରସିକ ମଲ୍ଲିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ହିମାଂଶୁ ବରିହା, ସମ୍ପାଦକ ଗୋପାଳ ବାଗ, କୋଷାଧ୍ୟକ୍ଷ କାର୍ତ୍ତିକ ବରିହା, କ୍ଷେତ୍ର ମଲ୍ଲିକ, ଅଭିମନ୍ୟୁ ବରିହା, ଦିଲ୍ଲୀପ ବରିହା, ଅଜିତ ସାହୁ, ବଡ଼ ମିର୍ଦ୍ଧା, ଜଗା ବରିହା, ସିଦ୍ଧାନ୍ତ ବରଗର୍ତ୍ତି, ଶୁଭେନ୍ଦୁ ବରିହା, ହିରାରାମ ମିର୍ଦ୍ଧା, ସାନନ୍ଦ ସାହୁ, ନିର୍ମଳ ବରିହା, ସୁବଳ ସାହୁ, ସନ୍ତୋଷ ବରିହା, ସୁନୀଲ ବରିହା, ଆନନ୍ଦ ସାହୁ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



## ଏମ୍‌ଭିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବିଶୋରା ଚାମ୍ପିଅନ୍, ଡୁମ୍ବେରପାଲି ରନର୍ସଅପ୍



**ଝାରବନ୍ଧ, ୫।୪ (ସମିସ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଜାମପାଲି ଗ୍ରାମରେ ୨୬ତମ ପାଞ୍ଚ ଦିବସୀୟ ମା' ବିନ୍ଧ୍ୟବାସିନୀ କ୍ରିକେଟ କ୍ଲବ ଜାମପାଲି ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ରବିବାର ଏହାର ସେମି ଫାଇନାଲ ଏବଂ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମି ଫାଇନାଲରେ ଜାମପାଲି ଓ ଡୁମ୍ବେରପାଲି ମଧ୍ୟରେ ଏବଂ ଦ୍ୱିତୀୟ ସେମି ଫାଇନାଲ ଦିୱାନପାଲି ଓ ବିଶୋରା ମଧ୍ୟରେ ହୋଇଥିଲା। ଡୁମ୍ବେରପାଲି ଏବଂ ବିଶୋରା ସେମି ଫାଇନାଲ ଜିତି ଫାଇନାଲ ଖେଳିଥିଲେ। ଯେଉଁଥିରେ ବିଶୋରା ଚାମ୍ପିଅନ୍ ହୋଇଥିଲା। ଭଣ୍ଡାରପୁରୀ ସରପଞ୍ଚ ପ୍ରତିନିଧି ସୋମନାଥ ବାଗ, ଗ୍ରାମର ଦୟାଲାଲ ସାହୁ, ଶୋବନ ସାହୁ, ତ୍ରିଲୋଚନ ସାହୁ, ପ୍ରଶାନ୍ତ ବରିହା, ଗୁଲାପ ସାହୁ, ଦୁର୍ଯ୍ୟୋଧନ ସାହୁ, ୱାର୍ଡ ମେମ୍ବର ଜଗତରାମ ସିଦାର ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଲେଖ ସାହୁ ଏବଂ ଓମ୍ ପ୍ରକାଶ ସାହୁ କମେଣ୍ଟେଟର ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ସରୋଜ ରଞ୍ଜନ ଦାଶ ଏବଂ ପ୍ରମୋଦ ଚନ୍ଦ୍ର ସାହୁ ଅମ୍ପାୟାରର କାର୍ଯ୍ୟଭାର ତୁଲାଇଥିଲେ। ବିଶୋରା ଟିମ୍‌ର ପ୍ରଦୀପଙ୍କୁ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଅମରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଓଁପ୍ରକାଶ, ତପନ, ଦୁର୍ଜନ, ଗୋବିନ୍ଦ, ଗୋଲୁ, ବଳରାମ, ହେମନ୍ତ, ମନୋଜ, ଦୀପକ, ଶ୍ରୀକାନ୍ତ, ହେମକାନ୍ତ, ଜ୍ୟୋତିପ୍ରକାଶ, ପୂରନ, ଛାୟାକାନ୍ତ ପ୍ରମୁଖ ଜାମପାଲିର ଖେଳାଳିମାନେ ସହଯୋଗ କରିଥିଲେ। ପରିଶେଷରେ ସମସ୍ତ ଦର୍ଶକ ଏବଂ ଖେଳାଳିମାନଙ୍କୁ ଓଁପ୍ରକାଶ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ କୁବେର ସମାଜର ଯୁବ ସମ୍ମିଳନୀ

ପାଇକମାଳ, ୫।୪(ସମିସ)

ପାଇକମାଳ ନୃସିଂହନାଥସ୍ଥିତ କୁବେର ପ୍ରାନ୍ତଶାଳା ଠାରେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ କୁବେର ସମାଜ ୩ୟ ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧ୍ୟକ୍ଷତାରେ ପାଇକମାଳ ସାଇର ବରିଷ୍ଠ ସଦସ୍ୟ ପ୍ରଫୁଲ ସାହୁ ସଭା ପରିଚାଳନା କରିଥିଲେ। ମହାସଭାର ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ସାହୁ, ବାଲଙ୍ଗିର ଜୋନ୍ ସଭାପତି ବିଜୟ କୁମାର ସାହୁ, ଛତିଶଗଡ଼ ଜୋନ୍ ସଭାପତି ସୁବାସ ସାହୁ, ବରଗଡ଼ ଜୋନ୍ ସଭାପତି ତାରାଚାନ୍ଦ ସାହୁ ମଞ୍ଚାସିନ ଥିଲେ। ସେହିପରି କୁବେର ସମାଜ ପଶ୍ଚିମାଞ୍ଚଳ ଓ ଛତିଶଗଡ଼ ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇ ସମାଜ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରସଙ୍ଗକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାରେ ଉପସଭାପତି ବଳରାମ ସାହୁ, ସମ୍ପାଦକ ଲଳିତ ସାହୁ, ମନୋରଞ୍ଜନ ସାହୁ, ମନୀଷ ସାହୁ, ସୌଦାଗର ସାହୁ, ମନୋଜ ସାହୁ, ରବୀନ୍ଦ୍ର ସାହୁ, ପିଙ୍କୁ ସାହୁ ତଥା ଯୁବା ମଞ୍ଚର ଅନେକ ସଦସ୍ୟ ଯୋଗଦେଇ ଥିଲେ। ଏହି ଅବସରରେ ଯୁବାମଞ୍ଚ ଜୋନାଲ କର୍ମକର୍ତ୍ତା ଚୟନ କରାଯିବା ସହ ଆସନ୍ତା ବରଗଡ଼ ତାଲପାଲିଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ମହାସଭା ବିଷୟରେ ଘୋଷଣା କରାଯାଇଥିଲା। ପାଇକମାଳ ମାତୃମଞ୍ଚ ସଦସ୍ୟାମାନେ ନିଜସ୍ୱ ପାଣ୍ଠିରୁ ଏକ ସାଉଣ୍ଡ ସେଟ୍ ମହାସଭା ସଭାପତିଙ୍କୁ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁରଥ ସାହୁ, ସୁଶାନ୍ତ ସାହୁ, ରିଙ୍କୁ ସାହୁ, ସୁବ୍ରତ ସାହୁ, ନିଲେଶ୍ ସାହୁ, ସୌମ୍ୟରଞ୍ଜନ ସାହୁ, ଶୁଭରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



